## ଶ୍ରଦ୍ଧାପୁର ଓ ଟୁଙ୍କୁରିହାଜିରା ସେବା ସମବାୟ ସମିତିରେ ଶତପ୍ରତିଶତ ଧାନ ସଂଗ୍ରହ

# ବିଭିନ୍ନ ଅଭିଯୋଗକୁ ଖଣ୍ଡନ କଲେ ସମିତି କର୍ତ୍ତୃପକ୍ଷ

ଚନ୍ଦନେଶ୍ୱର, ୫।୬ (ସମିସ)



ଧାନମଣ୍ଡିକୁ ନେଇ ରାଜନୈତିକ ଦଳ ପକ୍ଷରୁ କରାଯାଇଥିବା ଅଭିଯୋଗ ଏବଂ ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିବା ମନ୍ତବ୍ୟକୁ ଶ୍ରଦ୍ଧାପୁର ଓ ଟୁଙ୍କୁରିହାଜିରା ସେବା ସମବାୟ ସମିତି ତରଫରୁ ସମିତିର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ଶ୍ରଦ୍ଧାପୁର ସଭାପତି ଗୁଣାକର ମାଝୀ ଓ ଟୁଙ୍କୁରୀହାଜିରା ସଭାପତି ଯତୀନ୍ଦ୍ର ନାଥ ଦାସ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଦୁଇ ସମବାୟ ଅଧୀନରେ ଚାଲିଥିବା ଧାନକ୍ରୟ ପ୍ରକ୍ରିୟାରେ ଟୋକନ ପାଇଥିବା ଚାଷୀମାନଙ୍କଠାରୁ ଶତପ୍ରତିଶତ ଧାନ ସଂଗ୍ରହ କରାଯାଉଛି ଏବଂ ଧାନକ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବରେ ପରିଚାଳିତ ହେଉଛି। ସମିତି କର୍ତ୍ତୃପକ୍ଷଙ୍କ ମତାନୁସାରେ, ମଣ୍ଡି ଖୋଲିବା ପୂର୍ବରୁ କ୍ରୟ କମିଟି, ଚାଷୀ ବି ପରାମର୍ଶ କମିଟି ସଦସ୍ୟ ଓ ଚାଷୀମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଏହାପରେ ଧାନ ମଣ୍ଡିର ଉଦଘାଟନ ହୋଇଥିଲା ଏବଂ ନିର୍ଦ୍ଧାରିତ ନିୟମ ଓ ଶୃଙ୍ଖଳା ଅନୁସାରେ ଧାନ କିଣା ଚାଲିଛି। ଏଠାରେ କୌଣସି ପ୍ରକାର ପି.ଟି. (ପେପର ଟ୍ରାନ୍ସେକସନ୍) କିମ୍ବା ଅନିୟମିତତାର ପ୍ରଶ୍ନ ଉଠୁନାହିଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଧାନର ମାନକୁ ଦେଖି କଟନି ଛଟନି ସହିତ ମିଲର ଜଡ଼ିତ କିନ୍ତୁ ସମବାୟ ସମିତି ନୁହେଁ। ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀଙ୍କ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ସମ୍ପାଦକ ଶ୍ରୀ ମହାନ୍ତି କହିଲେ ସରକାରଙ୍କ ନିୟମ ମୁତାବକ ଆବେଦନ କରିଥିବା ସମସ୍ତ ଚାଷୀଙ୍କର (ଶତପ୍ରତିଶତ) ପଞ୍ଜୀକରଣ କରାଯାଇଛି। ନିୟମ ବହିର୍ଭୂତ ଆବେଦନ ଅଯୋଗ୍ୟ ଚାଷୀ ମାନେ ଆବେଦନ କରିପାରି ନାହାନ୍ତି। ଆବେଦନ କରିଥିଲେ ଆମେ ପଞ୍ଜିକୃତ କରିଥାଆନ୍ତୁ। ସେମାନେ ଆହୁରି କହିଛନ୍ତି ଯେ, ସରକାର ଚାଷୀମାନଙ୍କଠାରୁ ଧାନ କ୍ରୟ କରିବା ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି ଶତପ୍ରତିଶତ ଧାନ କ୍ରୟ କରାଯାଉଛି। ଏହି ଅଭିଯୋଗର ପ୍ରତିବାଦରେ ଉଭୟ ସମିତି ଅଧୀନରେ ଧାନ ବିକ୍ରି କରିଥିବା ଅନେକ ଚାଷୀ ନିଜ ପ୍ରତିକ୍ରିୟା ରଖିଛନ୍ତି। ଚାଷୀ ଗୋଲକ କର କହିଛନ୍ତି ଯେ ତାଙ୍କ ମୋବାଇଲକୁ ଟୋକନ ସନ୍ଦେଶ ଆସିଥିଲା ଏବଂ ସେ ୩୮ କ୍ୱିଣ୍ଟାଲ ୯୦ କିଲୋଗ୍ରାମ ଧାନ ମଣ୍ଡିକୁ ଆଣିଥିଲେ। ତାଙ୍କର ସମସ୍ତ ଧାନ କିଣାଯାଇଛି। ସେହିପରି ରାଜେନ୍ଦ୍ର ପ୍ରଧାନଙ୍କର ୨୮ କ୍ୱିଣ୍ଟାଲ ୮୦ କିଲୋଗ୍ରାମ, ଶ୍ୟାମସୁନ୍ଦର ଦାସଙ୍କର ୪୬ କ୍ୱିଣ୍ଟାଲ ୮ କିଲୋଗ୍ରାମ, କୃଷ୍ଣ ପ୍ରଧାନଙ୍କର ୩୬ କ୍ୱିଣ୍ଟାଲ ଏବଂ ଚନ୍ଦନ ଚାନ୍ଦ ୨୭ କ୍ୱିଣ୍ଟାଲ ୮୪ କିଲୋଗ୍ରାମ, ନନ୍ଦଦୁଲାଲ କର ୨୧କ୍ୱିଣ୍ଟାଲ ୭୨କିଲୋଗ୍ରାମ, ପ୍ରଦୀପ ବେହେରା ୧୭କ୍ୱିଣ୍ଟାଲ ୧୬କିଲୋଗ୍ରାମ ଧାନ ଟୋକନ ଅନୁଯାୟୀ ମଣ୍ଡିରେ ଗ୍ରହଣ କରାଯାଇଥିଲା ଏବଂ ଶତପ୍ରତିଶତ ଧାନ କ୍ରୟ କରାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଚାଷୀମାନଙ୍କ କହିବାନୁସାରେ, ମଣ୍ଡିରେ ଧାନ ବିକ୍ରୟ ସମୟରେ କୌଣସି ପ୍ରକାର ସମସ୍ୟା କିମ୍ବା ଅସୁବିଧା ହୋଇନଥିଲା। ଟୋକନ ଅନୁଯାୟୀ ଧାନ ଗ୍ରହଣ କରାଯାଇଥିଲା ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାରେ କ୍ରୟ କାର୍ଯ୍ୟ ସମ୍ପନ୍ନ ହୋଇଛି। ତେଣୁ କିଛି ମହଲରୁ ଉଠାଯାଉଥିବା ଅଭିଯୋଗର କୌଣସି ଆଧାର ନଥିବା ସେମାନେ କହିଛନ୍ତି। ସମିତିର ସମ୍ପାଦକ ଓ ସଭାପତି ସରକାରୀ ନିୟମାବଳୀ ଅନୁସାରେ ମଣ୍ଡି କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ମତରେ, ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ସ୍ୱଚ୍ଛ ଧାନ କ୍ରୟ ବ୍ୟବସ୍ଥା ହିଁ ସମିତିର ପ୍ରମୁଖ ଲକ୍ଷ୍ୟ।

## ଗୋଶାଳାର ଭୂମି ପୂଜନ



ଜଳେଶ୍ୱର, ୫।୬ (ସମିସ) : ବହୁ ଦିନର ପ୍ରତିକ୍ଷୀତ ଜଳେଶ୍ୱର ଅଂଚଳର ନିର୍ମାଣ ହେବାକୁଥିବା ଗୋଶାଳାର ଆଜି ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକାର ୧୬ନଂ ୱାର୍ଡ ଅଲାଲପୁର ଠାରେ ପୌର ନିର୍ବାହୀ ଅଧିକାରୀ ଗୋ ପୂଜନ କରି ଏହାର ଶୁଭାରମ୍ଭ କରିଛନ୍ତି। ଓଡିଶାର ବିଭିନ୍ନ ସ୍ଥାନରୁ ଗୋ ମାଫିଆମାନେ ପଶ୍ଚିମବଂଗକୁ ଗୋ ଚାଲାଣ କରୁଥିବା ବେଳେ ଗୋ ରକ୍ଷକଙ୍କ ସହାୟତାରେ ପୁଲିସ ଚଢାଉ କରି ବେଆଇନ୍ ଚାଲାଣ ହେଉଥିବା ଗାଇ, ଗୋରୁ ମାନଙ୍କୁ ଉଦ୍ଧାର କରିଥାନ୍ତି। ମାତ୍ର ସେମାନଙ୍କୁ ରଖିବାର ସୁବିଧା ନ ଥିବାରୁ ପୁଲିସ୍ କିମ୍ବା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଥାଏ। ପ୍ରାୟ ଦୀର୍ଘବର୍ଷ ଧରି ଜଳେଶ୍ୱର ଅଂଚଳରେ ଗୋଶାଳା ନିର୍ମାଣ ଲାଗି ପ୍ରସ୍ତାବ ରହିଥିବା ବେଳେ ବିଭିନ୍ନ କାରଣରୁ ଅଦ୍ୟାବଧି କାର୍ଯ୍ୟାରମ୍ଭ ହୋଇନଥିଲା। ଆଜି ୧୬ନଂ ୱାଡ ଅଲାଲପୁର ଠାରେ ୩.୩୨ ଏକର ସରକାରୀ ସ୍ଥାନରେ ୫କୋଟି ୬ଲକ୍ଷ ୭୭ ହଜାର୧୨୬ ଟଙ୍କା ବ୍ୟୟରେ ହେବାକୁଥିବା ଗୋଶାଳାକୁ ପୌର ନର୍ବାହୀ ଅଧିକାରୀ ହେମନ୍ତ ସିଂ ଏକ ଗାଇକୁ ପୂଜାକରି ଭୂମି ପୂଜନ କରିଥିଲେ। ଏହି କାର୍ଯ୍ୟକ୍ରମ ବେଳେ ସହାୟକ ଯନ୍ତ୍ରୀ ସୁଶିଲ ମୁର୍ମୁ, କନିଷ୍ଠଯନ୍ତ୍ରୀ ଧରିତ୍ରୀ ସିଂ, ଦିଲ୍ଲୀପ କୁମାର ଦାସ, ଅନମଲ ଯୋଶୀ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗୋ-ଶାଳା ନିର୍ମାଣ ହେଲେ ଜଳେଶ୍ୱର ଅଞ୍ଚଳର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଚାହିଦା ମେଣ୍ଟିବା ସହିତ ଜନସାଧାରଣ ଉପକୃତ ହେବେ ବୋଲି କୁହାଯାଇଛି। ତେଣୁ ଏହି ଗୋ-ଶାଳା କାର୍ଯ୍ୟ ଆରମ୍ଭ ହୋଇଥିବାରୁ ବିଭିନ୍ନ ମହଲରୁ ଖୁସି ବ୍ୟକ୍ତ କରାଯାଇଛି।

## ● 'ନାୟିକା ବାଲେଶ୍ୱର' ରାଜ୍ୟସ୍ତରୀୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମଞ୍ଚସ୍ଥ ହେଲା ନାଟକ 'ଏକ ଭିନ୍ନ ନିଷ୍ପତ୍ତି'

ବାଲେଶ୍ୱର, ୫।୬ (ସମିସ): ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ "ନାୟିକା'ର ୨୧ତମ ପ୍ରତିଷ୍ଠା ଦିବସ ଓ ୯ମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସମ୍ପନ୍ନ ହୋଇଛି। ନାୟିକାର ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କବି ଶ୍ରୀଦେବ, ଆଇନଜୀବୀ ସୁଧାଂଶୁ ଶେଖର ଦାସ ଓ ରାଜେନ୍ଦ୍ର ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। "ପୁରୁଷୋତ୍ତମ ନାଟ୍ୟକାର ସମ୍ମାନ'ରେ ଅଶୋକ ବହିଦାର, "ପରମାନନ୍ଦ ନାଟ୍ୟ ନିର୍ଦ୍ଦେଶକ ସମ୍ମାନ'ରେ ସୁଜିତ କୁମାର ପାତ୍ର, "ଯୁବ ନାଟ୍ୟ ସମ୍ମାନ'ରେ ପ୍ରଜ୍ଞାରଞ୍ଜନ ଖଟୁଆ ଏବଂ "ନାୟିକା ମିଡିଆ ସମ୍ମାନ'ରେ ସାମ୍ବାଦିକା କବିତା ପାତ୍ରଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ମାନ ପ୍ରଦାନ ପରେ ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାରଙ୍କ ରଚିତ ଏବଂ ସୁଜିତ କୁମାର ପାତ୍ରଙ୍କ ନିର୍ଦ୍ଦେଶିତ ନାଟକ "ଏକ ଭିନ୍ନ ନିଷ୍ପତ୍ତି' ମଞ୍ଚସ୍ଥ ହୋଇଥିଲା। ନାଟକଟି ତାହାର ସାମାଜିକ ବାର୍ତ୍ତା, ଦୃଢ଼ କାହାଣୀ ଓ ଜୀବନ୍ତ ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ରାକେଶ କୁମାର ଶତପଥୀ, ଶୁଭମ ଶେଖର ମହାକୁଡ଼, ବିଶାଳ ନାୟକ, ଶିବାଶିଷ ଝଙ୍କାର, ଅମ୍ଳାଂଶୁ ପୁଜାରୀ, ବିଷ୍ଣୁପ୍ରିୟା ଗଡ଼ତିୟା ଓ ରେଶମା ନାଏକଙ୍କ ଅଭିନୟ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ନମନ ନୟନ ନାୟକ ମଞ୍ଚ ପରିଚାଳନାର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ। ନାଟକ ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମହୋତ୍ସବର ଆକର୍ଷଣକୁ ଆହୁରି ବଢ଼ାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବିଶିଷ୍ଟ ସାହିତ୍ୟିକ ଓ ନାଟ୍ୟକାର ଜଗନ୍ନାଥ ପ୍ରସାଦ ଦାସଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି

ରାଇରଙ୍ଗପୁର, ୫।୬(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଳିତ ମାସ ୧୯ ଓ ୨୦ ତାରିଖରେ ଗସ୍ତ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ନେଇ ଜିଲ୍ଲାପାଳ ହେମକାନ୍ତ ସୟ ରାଇରଙ୍ଗପୁର ଗସ୍ତରେ ଯାଇ ଅନୁଧ୍ୟାନ କରିଛନ୍ତି। ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ହେବାକୁ ଥିବାବେଳେ ତାହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗସ୍ତ କାର୍ଯ୍ୟକ୍ରମ ସମ୍ପାଦନ ନେଇ ଅଧିକାରଙ୍କ ସହ ସମୀକ୍ଷା କରିଥିଲେ। ରାଇରଙ୍ଗପୁର ସମେତ ଉପରବେଡା, ପାହାଡ଼ପୁର ଆଦି ସ୍ଥାନରେ ଗସ୍ତ କରିବେ। ସଭାସ୍ଥଳ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥାନ ସ୍ଥିତି ଯାଞ୍ଚ କରିଥିଲେ। ଜିଲ୍ଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଦାଣ୍ଡବୋଷ ବିମାନ ବନ୍ଦର ସମେତ ଅନ୍ୟାନ୍ୟ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ଯାଞ୍ଚ କରିଥିଲେ ଜିଲ୍ଲାପାଳ। କାର୍ଯ୍ୟ ତ୍ୱରାନ୍ୱିତ କରି ତୁରନ୍ତ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ଜାରି ରହିଛି। କାର୍ଯ୍ୟର ତଦାରଖ କରି ଆବଶ୍ୟକ କାର୍ଯ୍ୟକୁ ସମ୍ପାଦନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତକୁ ନେଇ ଜିଲ୍ଲାପାଳ ଶ୍ରୀ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ହେଉଛି। ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀ ନିଜେ କାର୍ଯ୍ୟ ତଦାରଖ କରୁଛନ୍ତି। ଗସ୍ତର ପ୍ରସ୍ତୁତି ନେଇ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ ମଧ୍ୟ ଅନୁଷ୍ଠିତ ହେଉଛି। ଜିଲ୍ଲା ଗସ୍ତକୁ ସମ୍ପୂର୍ଣ୍ଣ ସଫଳ କରିବା ନେଇ ଜିଲ୍ଲା ପ୍ରଶାସନ ପ୍ରଚେଷ୍ଟା ଜାରି ରଖିଛନ୍ତି। ଗସ୍ତ କାର୍ଯ୍ୟକ୍ରମରେ ଯେଉଁଳି କୌଣସି ତ୍ରୁଟି ନ ହୁଏ, ସେଥିପ୍ରତି ପ୍ରଶାସନିକ ଅଧିକାରୀ ସଚେତନ ରହିଛନ୍ତି। ଯାହାକୁ ନେଇ ଜିଲ୍ଲାପାଳ ନିଜେ ଗ୍ରାଉଣ୍ଡରୁ ତଦାରଖ ସହ ସମୀକ୍ଷା କରିଛନ୍ତି।

# ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ଚନ୍ଦନେଶ୍ୱର, ୫।୬ (ସମିସ) : ବନ ବିଭାଗ ପକ୍ଷରୁ ଭୋଗରାଇରେ ପାଳିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧିକାରୀ ଇନ୍ଦଲ କର ପ୍ରତୀକ ପ୍ରକାଶଙ୍କ ନିର୍ଦ୍ଦେଶ କ୍ରମେ ଜୟରାମପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଏ ନେଇ ଅୟୋଜିତ ସଚେତନତା ସଭାକୁ ଭାରପ୍ରାପ୍ତ ଜଳେଶ୍ୱର ବନ୍ୟଜୀବ ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ମହର୍ଷି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ସହକାରୀ ବନ ସଂରକ୍ଷକ ତଟନୀ ସେଠୀ ଯୋଗଦେଇ ପରିବେଶ ପ୍ରଦୂଷଣ, ବୃକ୍ଷ ରୋପଣ, ପ୍ଲାଷ୍ଟିକର ବ୍ୟବହାର କମ କରିବା,ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ସହ ସୁସ୍ଥ ପରିବେଶ ଗଠନ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇକ୍ରିକ ପ୍ରକଳ୍ପର ଜିଲ୍ଲା ସଂଯୋଜକ ହରିପ୍ରିୟା ଚନ୍ଦ, ଜୟରାମପୁର ସରପଂଚ ଦୀପ୍ତିରାଣୀ ମିଶ୍ର, ପସରବିନ୍ଧା ସରପଞ୍ଚ ସୁମନ୍ତ କୁମାର ବେହେରା, ଭିଏସଏସଏସର ଟିମ ଲିଜର ଚନ୍ଦ୍ର ଶେଖର ପିଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଫରେଷ୍ଟ ଗାର୍ଡ ନିରାକାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଫୁଲମଣୀ ମୁର୍ମୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭୋଗରାଇର ଜୟରାମପୁର ବଣବାଡି ହାଟ ଠାରେ ବନ ବିଭାଗର କର୍ମଚାରୀ, ଇକ୍ରିକର କର୍ମଚାରୀ, ଗ୍ରାମବାସୀଙ୍କ ମିଳିତ ସେ୍ୱଚ୍ଛାଗରେ ସଫେଇ ଓ ବୃକ୍ଷ ରୋପଣ କରାଯାଇଥିଲା। ଏହାଛଡା ଅଭିନୟ ମାଧ୍ୟମରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଥିଲା। ସବୁଜ ବାହିନୀ କର୍ମଚାରୀ, କ୍ଲାଇମେଟ ଚମ୍ପିଆର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶ ସୁରକ୍ଷା ପାଇଁ ସାମୂହିକ ସଚେତନତା



ଚନ୍ଦନେଶ୍ୱର, ୫।୬ (ସମିସ): ଭୋଗରାଇ ବ୍ଲକର ଚନ୍ଦନେଶ୍ୱରଠାରେ ବିଶ୍ୱ ପରିବେଶ ଦିବସ ଗୁରୁବାର ଦିନ ଆଡମ୍ବରପୂର୍ଣ୍ଣ ଓ ସଚେତନତାମୂଳକ ପରିବେଶରେ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ପ୍ରଦୂଷଣ ନିୟନ୍ତ୍ରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆୟୋଜିତ ସଭାରେ ବକ୍ତାମାନେ ପରିବେଶ ସୁରକ୍ଷାକୁ ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ ବୋଲି ମତ ପ୍ରକାଶ କରିଥିଲେ। ଭଏସ ଅଫ ଭୋଗରାଇର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁବାସ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି ତଥା ଉତ୍କଳ ସମ୍ମିଳନୀର ରାଜ୍ୟ ଉପସଭାପତି କମଳ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଅତ୍ୟଧିକ ଉଷ୍ଣତା ଓ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏହାର ମୁକାବିଲା ପାଇଁ କେବଳ ସରକାରୀ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ, ବରଂ ସାଧାରଣ ଲୋକଙ୍କ ସକ୍ରିୟ ସହଭାଗିତା ଓ ସହଯୋଗୀତା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସଭାରେ ଜଳେଶ୍ୱର ଶାଖାର ସମ୍ପାଦକ ମନୋରଞ୍ଜନ ଦାସ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୀବ ଦାସ, ପ୍ରଖ୍ୟାତ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଶିବଶଙ୍କର ପଣ୍ଡା, ସାମ୍ବାଦିକ ରାଧାକାନ୍ତ ପ୍ରଧାନ, ପୂର୍ବତନ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁକୁମାର ଜେନା, ପୂର୍ବତନ ୱାର୍ଡ ମେମ୍ବର କିଶୋରୀ ମୋହନ ଦାସ,ହରିପଦ ଗଙ୍ଗେଇ, ସଙ୍ଗୀତକାର ସୁଭାଶିଷ ଦାସ ଓ ସାମ୍ବାଦିକ ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ରହି ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ଭଗବାନ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ

ଜଳେଶ୍ୱର/ ସିମୁଳିଆ, ୫।୬ (ସମିସ) : ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଜଳେଶ୍ୱର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଜିଲ୍ଲା ସଭାପତି ଆଇନଜୀବୀ ଫାଲଗୁନି ପାଣିଗ୍ରାହୀଙ୍କ ନେତୃତ୍ୱରେ କାଶୀଡିହା ସୀମାନ୍ତ ଶିକ୍ଷା ନିକେତନ ବିଦ୍ୟାଳୟରେ "ଏକ ପେଡ଼ ମା କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ପରିବେଶ ସନ୍ତୁଳନ ପାଇଁ ନିଜ ମାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁପ ରାଜ, ଅଞ୍ଜନ ଦାସ, ପବିତ୍ର ବାରିକ,ହରେକୃଷ୍ଣ ରାଜ, ଆଲୋକ ରାଜ, ଶିବଶଙ୍କର ଦାସ, ରାଜେନ୍ଦ୍ର ଜେନା, ମହେଶ୍ୱର ଦାସ, ନିମାଇ ରାଜ, କିଷାନ୍ ଜେନା ଓ ଶିବଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି ବିଶ୍ୱ ପରିବେଶ ଦିବସରେ ସିମୁଳିଆ ପ୍ରଶାସନ ପକ୍ଷରୁ ମଇତାପୁର ତୁଳସୀ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ତହସିଲ ବଡ଼ ବାବୁ ସର୍ବେଶ୍ୱର ପଣ୍ଡା, ଅବସରପ୍ରାପ୍ତ ବଡ଼ ବାବୁ ମନୋରଞ୍ଜନ ବେହେରା, ରେକର୍ଡ କିପର ସୁକୁମାର ସିଂ, କନିଷ୍ଠ କିରାଣୀ ଉତ୍କଳିକା ଦାସ, ରାଜସ୍ୱ ନିରୀକ୍ଷକ ତାପସ ସେନ, କର୍ମଚାରୀ ବିମ୍ବାଧର ଜେନା, ଶଶୀକାନ୍ତ ମାହାନା, ଜଗନ୍ନାଥ ମହାନ୍ତି ଓ ସତ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରିଥିଲେ। ସିମୁଳିଆ ବ୍ଲକ ୨୨ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇଛି।



# ଭଦ୍ରକ ଜିଲ୍ଲାର ହଜାରେ ଉପଭୋକ୍ତାଙ୍କ ଘରେ ଶୂନ୍ୟ ୟୁନିଟ୍ ବିଲିଂ

ଭଦ୍ରକ, ୫।୬(ସମିସ)



ଲୋକଙ୍କ ପାଇଁ ଲାଭଦାୟକ ହୋଇଛି ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା। ସାଧାରଣତଃ ଗ୍ରୀଷ୍ମରେ ଉପଭୋକ୍ତାମାନେ ବିଜୁଳି ବିଲକୁ ନେଇ ଅଧିକ ଚିନ୍ତା ପ୍ରକଟ କରୁଥିଲେ ହେଁ ଏବେ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସାଜିଛି। ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ସେମାନେ ନିଜର ବିଜୁଳି ବିଲ୍ ଆଶାତୀତ ହ୍ରାସ କରିବାରେ ସଫଳ ହେଉଛନ୍ତି। ଏପରିକି ବିଗତ ମାସରେ ଭଦ୍ରକ ଜିଲ୍ଲାର ପାଖାପାଖି ୧ହଜାର ଉପଭୋକ୍ତାଙ୍କ ଘରେ ବିଜୁଳି ବିଲ୍ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ହୋଇଥିବା ଦେଖିବାକୁ ମିଳିଛି। ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ), ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ସହିତ ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ମଧ୍ୟ ଆହୁରି ତ୍ୱରାନ୍?ତ କରିଛି। ସଂସ୍ଥା ପକ୍ଷରୁ ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ଏବେ ମାତ୍ର ୧୮୭୫ ଟଙ୍କାରେ ଉଚ୍ଚ ଗୁଣମାନ ବିଶିଷ୍ଟ ସୌର ପ୍ୟାନେଲ ସ୍ଥାପନା କରାଯାଉଛି ଓ ଏହା ସହ ମିଟର ଦେୟ ବାବଦକୁ ସମାନ ମାସିକ କିସ୍ତି(ଇଏମଆଇ) ବ୍ୟବସ୍ଥା ମଧ୍ୟ ରହିଛି। ପିଏମ୍ ସୂର୍ଯ୍ୟଘର ଯୋଜନା ଅଧିନରେ ଏଯାବତ ଭଦ୍ରକ ଜିଲ୍ଲାରେ ୩ହଜାରରୁ ଅଧିକ ଉପଭୋକ୍ତା ନିଜ ଘରେ ସୌର ପ୍ୟାନେଲ ସ୍ଥାପନା କରିଥିବା ବେଳେ ମେ' ମାସରେ ୯୯୦ ଜଣ ଉପଭୋକ୍ତାଙ୍କ ମାସିକ ବିଜୁଳି ବିଲ୍ ଶୂନ୍ୟ ୟୁନିଟ୍ ଆସିଥିବା ସୂଚନା ମିଳିଛି। ଅନ୍ୟ ଉପଭୋକ୍ତାଙ୍କ ବିଲିଂରେ ମଧ୍ୟ ଆଶାତୀତ ହ୍ରାସ ଘଟିଥିବା ସେମାନେ ଦର୍ଶାଇବା ସହ ଏହାକୁ ନେଇ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ନଦୀଗାଁକୁ ମଡେଲ ସୌର ଗ୍ରାମ ଭାବେ ଘୋଷଣା କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ଟିପିଏନ୍ଓଡିଏଲ୍ ମୁଖ୍ୟ ଯନ୍ତ୍ରୀ ରାଜୀବ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଭୂପେନ୍ଦ୍ରନାଥ ସାହୁ ଏବଂ ଓରେଡା ସହକାରୀ ନିର୍ଦ୍ଦେଶକ (ବୈଷୟିକ) ଅସୀମା ଅରୁଣିମା ପ୍ରମୁଖଙ୍କ ଉପସ୍ଥିତିରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ସୌର ଶକ୍ତି ମାଧ୍ୟମରେ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ ଥିବାବେଳେ ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଆଦର୍ଶ ସୌର ଗ୍ରାମ ଗଠନ ହେବ। ଏହି ଆଧାରରେ ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାର ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା ଓ ଗତ ତିନି ମାସ ଧରି ଭଦ୍ରକ ଜିଲାର ୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୨ଟି ଗ୍ରାମରେ ସୌର ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ଆକଳନ କରାଯାଇଥିଲା। ଏଥିରେ ନଦୀଗାଁ ୧୧୯ କିଲୋୱାଟ ସୌର କ୍ଷମତା ସ୍ଥାପନ କରି ପ୍ରଥମ ହୋଇଛି। ଏହି ସଫଳତା ଆଧାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରାମର ସାର୍ବଜନୀନ ସ୍ଥାନରେ ସୌରଭିତ୍ତିକ ପ୍ରକଳ୍ପ ସ୍ଥାପନ କରାଯିବ। ଗ୍ରାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓରେଡା ମାଧ୍ୟମରେ ସୌର ଷ୍ଟ୍ରିଟ୍ ଲାଇଟ, ସୌର ଜଳଯୋଗାଣ ବ୍ୟବସ୍ଥା, ସୌର ଶୀତତାପ ନିୟନ୍ତ୍ରିତ ସଂରକ୍ଷଣ କୋଠରୀ ସହ ଅନ୍ୟାନ୍ୟ ସୌରଚାଳିତ ପ୍ରକଳ୍ପ ସ୍ଥାପନ କରାଯିବ। ନଦୀଗାଁରେ ମଡେଲ ସୋଲାରାଇଜେସନ ପାଇଁ ୧୯୫ଟି ପରିବାର ଯୋଗ୍ୟ ଥିବାବେଳେ ୮୦ଟି ପରିବାରରେ ଏହି କାର୍ଯ୍ୟ ସରିଛି। ଅପରପକ୍ଷେ ପିଏମ୍ ସୂର୍ଯ୍ୟଘର ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ଟିପିଏନଓଡିଏଲ ପକ୍ଷରୁ ବହୁବିଧ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଉପଭୋକ୍ତାମାନେ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ନିଃଶୁଳ୍କ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରି ସମସ୍ତ ସୂଚନା ପାଇ ପାରିବେ।

## ସୌର ଶକ୍ତିରେ ସଶକ୍ତ ହେବ ନଦୀଗାଁ, ମିଳିଲା ପ୍ରଥମ ସୌର ଗାଁ ମାନ୍ୟତା

